भारतीय प्रौद्योगिकी संस्थान भुवनेश्वर

**Indian Institute of Technology Bhubaneswar**

**Press Release**

# ଆଇଆଇଟି ଭୁବନେଶ୍ୱରରେ ସନ୍ଦର୍ଭରେ ଭାରତୀୟ ନଲେଜ୍ ସିଷ୍ଟମ୍ ରାଷ୍ଟ୍ରୀୟ ପାଠ୍ୟ ଚକ୍ର

**ଭୁବନେଶ୍ୱର, ୬/୧୦/ ୨୦୨୪:** ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ, ଅରୁଗୁଳ ପରିସର ରେ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ଏବଂ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ, ଭୁବନେଶ୍ୱରର ମିଳିତ ଆନୁକୁଲ୍ୟରେ ଭାରତୀୟ ନଲେଜ୍ ସିଷ୍ଟମ୍ ବିଷୟ ରେ ଏକ ରାଷ୍ଟ୍ରୀୟ ପାଠ୍ୟଚକ୍ର ଆୟୋଜିତ ହୋଇଯାଇଛି।

ଏହି ପାଠ୍ୟ ଚକ୍ର ସହ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ଓଡିଶା ପ୍ରାନ୍ତର ଅଭ୍ୟାସ ବର୍ଗ ମଧ୍ୟ ଉଦ୍ଘାଟନ ହୋଇଥିଲା ଯାହା ୫ ଓ ୬ ଦୁଇ ଦିନ ନ୍ୟାସ ର କାର୍ଯ୍ୟକର୍ତ୍ତାଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା।

ଭାରତୀୟ ନୋଲେଜ୍ ସିଷ୍ଟମ କିପରି ଭାରତୀୟ ଶିକ୍ଷା ର ବୈପ୍ଲବିକ ପରିବର୍ତ୍ତନ ଆଣିପାରିବ ତାହାର ପୁଙ୍ଖାନୁପୁଙ୍ଖ ବିବରଣୀ ସହ ବିସ୍ତୃତ ବ୍ୟକ୍ତବ୍ୟ ରଖିଥିଲେ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ ର ରାଷ୍ଟ୍ରୀୟ ସଚିବ ଡ ଅତୁଲ ଭାଇ କୋଠାରୀ। ଶିକ୍ଷା ପଦ୍ଧତି, ଶିକ୍ଷା ର ସୌଦ୍ଧ, ମୂଲ୍ୟାଙ୍କନ ଓ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଭାରତୀୟ ଜ୍ଞାନ ପରମ୍ପରା ର ଉପଯୋଗୀତା ର ଆବଶ୍ୟକ ପାଇଁ ମତ ରଖିଥିଲେ।

ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ ର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ରିସର୍ଚ୍ଚ ଓ ଇନୋଭେସନ ସହ ଭାରତୀୟ ନୋଲେଜ୍ ସିଷ୍ଟମ କୁ କିପରି କାର୍ଯ୍ୟ କରୀ କରିହେବ ସେ ବିଷୟ ରେ ନିଜର ବ୍ୟକ୍ତବ୍ୟ ରଖିଥିଲେ।

ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ଝାରଖଣ୍ଡ ରାଏ ବିଶ୍ୱବିଦ୍ୟାଳୟର କୁଳପତି ସବିତା ସେଙ୍ଗର  ଭାରତୀୟ ଜ୍ଞାନ ପରମ୍ପରା ସମ୍ପୂର୍ଣ୍ଣ ବିଜ୍ଞାନ ସମ୍ମତ ବୋଲି ମତ ରଖି ଥିଲେ ଓ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର  ଷଡ଼ଙ୍ଗୀ, ଏମ୍ ପି ବାଲେଶ୍ୱର ବିଷୟ ର ବିଭିନ୍ନ ଦିଗ ଓ ତାର ଉପାଦେୟତା ଉପରେ ଆଲୋକ ପାତ କରିଥଲେ।

ଏଥି ସହିତ ନଭେମ୍ବର ୧୭/୧୮ ରେ ହେବାକୁ ଥିବା ଜ୍ଞାନ କୁମ୍ଭର ପୋଷ୍ଟର ମଧ୍ୟ ବିମୋଚନ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା ।

ଏହି ପାଠ୍ୟ ଚକ୍ର ରେ ଓଡ଼ିଶାର ୫ ଟି ଜିଲ୍ଲା  ରୁ ୧୨୦ ଜଣ ଛାତ୍ର ଛାତ୍ରୀ ,ପ୍ରୋଫେସର୍ ଓ ନ୍ୟାସ ର କାର୍ଯ୍ୟ କର୍ତ୍ତା ଯୋଗଦାନ କରିଥଲେ। ନ୍ୟାସର ପ୍ରାନ୍ତ ସଂଯୋଜକ ଶ୍ରୀ ବିଶ୍ବରଂଜନ ମିଶ୍ର ପାଠ୍ୟ ଚକ୍ର ସଂଯୋଜନା କରିଥିବା ବେଳେ, ସହ ସଂଯୋଜକ  ଇଁ ହେମନ୍ତ ଜେନା ମଞ୍ଚ ପରିଚାଳନା କରିଥିଲେ। ନ୍ୟାସ ର ପ୍ରମୁଖ କାର୍ଯ୍ୟ କର୍ତ୍ତା ମଧ୍ୟରେ ସହ ସଂଯୋଜକ ଡ ବିକାଶ କୁମାର, ଲିଙ୍ଗରାଜ ସାହୁ, ଜୟନ୍ତ ସାହୁ , ଡ ବିଦ୍ୟାଧର ବିଶି, ଡ୍ ମାନସ ମଲ୍ଲିକ ଆଡଭୋକେଟ୍ ଅମ୍ରିତା ବେଉରା ଓ ସନ୍ତୋଷ ଦିୱେଦି କାର୍ଯକ୍ରମ କୁ ସଫଳ ରୂପାୟନ କରିବା ରେ ସହଯୋଗ କରିଥଲେ।

ଆସିଷ୍ଟାଣ୍ଟ ପ୍ରଫେସର ଅର୍. ଭେଙ୍କଟ  ରାଘବନ୍ ଙ୍କ ଧନ୍ୟବାଦ ସହ ରାଷ୍ଟ୍ର ଗାନ ଗାଇ ପାଠ୍ୟ ଚକ୍ର ସମାପନ ହୋଇଥିଲା।

-------------------